# NATIONAL NEWS BULLETIN (ODIA)

## 19 November - 2025

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- କୋଏମ୍ବାଟୁର୍ ଠାରେ ଦକ୍ଷିଣ ଭାରତ ପ୍ରାକୃତିକ କୃଷି ସମ୍ମିଳନୀକୁ ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।

– ପି.ଏମ୍. କିଶାନ୍ ଯୋଜନାର ହିତାଧିକାରୀଙ୍କୁ ପ୍ରଦାନ କରିବେ ୨୧ତମ କିସ୍ତି ଅର୍ଥ ।

- ବିହାରର ପାଟନାଠାରେ ଆଜି ଅନୁଷ୍ଠିତ ହେବ ଏନ୍.ଡି.ଏ. ନବନିର୍ବାଚିତ ବିଧାୟକ ଦଳ ବୈଠକ ।

- ବେଆଇନ୍ ଅର୍ଥକାରବାର ଅଭିଯୋଗରେ ଅଲ୍ ଫାଲହା ଗ୍ରୁପ୍‌ର ଅଧ୍ୟକ୍ଷଙ୍କୁ ଗିରଫ୍ କଲା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ।

ଏବଂ

- ଗୋଆରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ୫୬ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ।

# ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆନ୍ଧ୍ରପ୍ରଦେଶ ଏବଂ ତାମିଲନାଡୁ ଗସ୍ତରେ ଯିବେ । ତାମିଲନାଡୁର କୋଇମ୍ବାଟୁର୍ ଠାରେ ଦକ୍ଷିଣ ଭାରତ ପ୍ରାକୃତିକ କୃଷି ସମ୍ମିଳନୀକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ । ଜୈବିକ ଚାଷୀ ସ୍ୱର୍ଗତ ନମ୍ମାଲଭର୍‌ଙ୍କ ଦ୍ୱାରା ପ୍ରସାରିତ ପ୍ରାକୃତିକ କୃଷି ପଦ୍ଧତିକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ପ୍ରଧାନମନ୍ତ୍ରୀ ପ୍ରାକୃତିକ କୃଷି ଚାଷୀଙ୍କ ସହ ଭାବ ବିନିମୟ କରିବା ସହ ୧୦ ଜଣ ଆଦର୍ଶ ଚାଷୀଙ୍କୁ ସମ୍ମାନୀତ କରିବାର କାର୍ଯ୍ୟସୂଚୀ ରହିଛି । ପି.ଏମ୍. କିଶାନ୍ ଯୋଜନାର ୨୧ତମ କିସ୍ତି ପ୍ରଧାନମନ୍ତ୍ରୀ ଆଜି ପ୍ରଦାନ କରିବେ । ୯ କୋଟି ହିତାଧିକାରୀଙ୍କ ବ୍ୟାଙ୍କ୍ ଖାତାକୁ ପ୍ରାୟ ୧୮ ହଜାର କୋଟି ଟଙ୍କାର କିସ୍ତି ଅର୍ଥ ସିଧାସଳଖ ପ୍ରଦାନ କରାଯିବ । ଆସନ୍ତା ୨୧ ତାରିଖରେ ଏହି ତିନି ଦିନିଆ କୃଷି ସମ୍ମିଳନୀ ଉଦ୍‌ଯାପିତ ହେବ ।

ପ୍ରଥମେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆନ୍ଧ୍ରପ୍ରଦେଶ ଗସ୍ତରେ ଯିବେ । ପୁଟପର୍ତ୍ତି ସ୍ଥିତ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ମହାସମାଧି ପରିଦର୍ଶନ କରିବା ସହ ପୁଷ୍ପାର୍ଘ୍ୟ ଅର୍ପଣ କରିବେ । ଏହି ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗଦେବା ସହ ସ୍ମାରକୀ ଡାକ ଟିକଟ ଏବଂ ମୁଦ୍ରା ଉନ୍ମୋଚନ କରିବେ ।

# ବିହାର ଏନ୍‌ଡିଏ ମିଟିଂ

ବିହାରର ପାଟନା ଠାରେ ଆଜି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏନ୍.ଡି.ଏ. ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇ ନେତା ନିର୍ବାଚନ କରାଯିବ । ଏନ୍.ଡି.ଏ. ମେଣ୍ଟର ଅଂଶିଦାର ବିଜେପି, ଜେ.ଡି.ୟୁ., ଲୋକ ଜନଶକ୍ତି ପାର୍ଟି ରାମବିଳାଶ, ହିନ୍ଦୁସ୍ତାନୀ ଆୱାମ୍ ମୋର୍ଚ୍ଚା ଏବଂ ରାଷ୍ଟ୍ରୀୟ ଲୋକମୋର୍ଚ୍ଚାର ସମସ୍ତ ୨୦୨ ଜଣ ନବନିର୍ବାଚିତ ବିଧାୟକ ସେମାନଙ୍କର ନୂତନ ନେତା ଆଜି ଚୟନ କରିବେ । ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କୁ ଏନ୍.ଡି.ଏ. ବିଧାୟକ ଦଳର ନେତା ଭାବେ ନିର୍ବାଚନ କରାଯିବାର ଆଶା କରାଯାଉଛି । ବୈଠକ ପରେ ସରକାର ଗଠନ ପାଇଁ ମଧ୍ୟ ଆଜି ଏନ୍.ଡି.ଏ. ପକ୍ଷରୁ ଦାବି ଉପସ୍ଥାପନ କରାଯିବ । ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍‌ଙ୍କୁ ଶ୍ରୀ କୁମାର ଆଜି ନିଜର ଇସ୍ତଫାପତ୍ର ପ୍ରଦାନ କରିବେ । ୨୪୩ ସଦସ୍ୟ ବିଶିଷ୍ଟ ବର୍ତ୍ତମାନ ବିଧାନସଭାର କାର୍ଯ୍ୟକାଳ ଆଜି ଶେଷ ହେଉଛି ।

ଅନ୍ୟ ପକ୍ଷରେ ଆଜି ବିଜେପି ଏବଂ ଜେ.ଡି.ୟୁ. ବିଧାୟକ ଦଳ ବୈଠକ ପୃଥକ ପୃଥକ ଭାବେ ଅନୁଷ୍ଠିତ ହେବ । ଏନ୍.ଡି.ଏ.ର ସହଯୋଗୀ ଦଳ ଗୁଡ଼ିକର ବୈଠକ ପୃଥକ ଭାବେ ଅନୁଷ୍ଠିତ ହୋଇ ନେତା ନିର୍ବାଚନ ପରେ ଏନ୍.ଡି.ଏ. ନବନିର୍ବାଚିତ ବିଧାୟକଙ୍କର ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ବିଜେପି ପକ୍ଷରୁ ଉତ୍ତର ପ୍ରଦେଶର ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଏବଂ କେନ୍ଦ୍ର ଆଇନ୍ ଓ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ୍ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସାଧ୍ୱୀ ନିରଞ୍ଜନ ଜ୍ୟୋତିଙ୍କୁ ଉପପର୍ଯ୍ୟବେକ୍ଷକ ଭାବେ ମନୋନୀତ କରାଯାଇଛି । ନୂତନ ମନ୍ତ୍ରିମଣ୍ଡଳର ଶପଥଗ୍ରହଣ ସମାରୋହ ଆସନ୍ତାକାଲି ପାଟନାର ଐତିହାସିକ

ଗାନ୍ଧି ମଇଦାନଠାରେ ଅନୁଷ୍ଠିତ ହେବା ନେଇ ପ୍ରସ୍ତୁତି ଚାଲିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଏନ୍.ଡି.ଏ. ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀ ତଥା ମନ୍ତ୍ରିମଣ୍ଡଳର ବହୁ ସଦସ୍ୟ ଶପଥଗ୍ରହଣ ସମାରୋହରେ ଯୋଗଦେବେ ବୋଲି ବିଜେପି ରାଜ୍ୟ ଶାଖା ସଭାପତି ଡକ୍ଟର ଦିଲୀପ ଜୟସ୍ୱାଲ୍ ସୂଚନା ଦେଇଛନ୍ତି ।

# ପିଏମ୍-ନିକୋଲା ମିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଆସନ୍ତା ମାସରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନ୍‌ଙ୍କୁ ଆତିଥ୍ୟ ପ୍ରଦାନ କରିବାକୁ ସେ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି । ନୂଆଦିଲ୍ଲୀ ଠାରେ ଗତକାଲି ରୁଷ ରାଷ୍ଟ୍ରପତିଙ୍କ ସହଯୋଗୀ ନିକୋଲାଇ ପାତ୍ରୁସେବ୍‌ଙ୍କ ସହ ଆଲୋଚନା କାଳରେ ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଯୋଗାଯୋଗ, ଦକ୍ଷତା ବିକାଶ, ଜାହାଜ ନିର୍ମାଣ, ସବୁଜ ଅର୍ଥନୀତି ଆଦି କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗର ନୂତନ ମାର୍ଗ ଉନ୍ମୋଚନ ନେଇ ଶ୍ରୀ ପାତ୍ରୁସେବ୍‌ଙ୍କ ସହ ଫଳପ୍ରଦ ଆଲୋଚନା ହୋଇଛି । ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦେଇଥିବା ସୂଚନା ଅନୁଯାୟୀ ଶ୍ରୀ ମୋଦୀ ରାଷ୍ଟ୍ରପତି ପୁତିନ୍‌ଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଇବା ସହ ଆସନ୍ତା ମାସରେ ଭାରତ ତାଙ୍କୁ ସ୍ୱାଗତ କରିବାକୁ ଅପେକ୍ଷା କରିଛି ବୋଲି କହିଛନ୍ତି ।

ଆସନ୍ତାମାସରେ ଭାରତ-ରୁଷ ଶିଖର ସମ୍ମିଳନୀ ପାଇଁ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିବାକୁ ଶ୍ରୀ ପାତ୍ରୁସେବ୍ ଭାରତ ଗସ୍ତରେ ଆସିଛନ୍ତି । ପୂର୍ବରୁ ଜାତୀୟ

ଯୁଦ୍ଧ ସ୍ମାରକୀଠାରେ ଶ୍ରୀ ପାଟ୍ରୁସେବ୍ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟ ପରିଦର୍ଶନ କରିଥିଲେ ।

## ଗୋୟଲ୍-ଟିଆ ପୋର୍ଟାଲ୍

ବାଣିଜ୍ୟ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ୍ ଗତକାଲି ନୂଆଦିଲ୍ଲୀ ଠାରେ ବାଣିଜ୍ୟିକ ତଥ୍ୟ ଏବଂ ବିଶ୍ଳେଷଣ ପୋର୍ଟାଲ୍‌ର ଶୁଭାରମ୍ଭ କରିଛନ୍ତି । ଏହି ପୋର୍ଟାଲ୍‌ରେ ରହିଥିବା ବିଶ୍ଳେଷଣାତ୍ମକ ତଥ୍ୟ ବ୍ୟବସାୟିଙ୍କୁ ନିଷ୍ପତ୍ତି ନେବାରେ ଉଲ୍ଲେଖନୀୟ ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ ଶ୍ରୀ ଗୋୟଲ କହିଛନ୍ତି । ଆମଦାନୀକାରୀ, ରପ୍ତାନୀକାରୀ, ଷ୍ଟାର୍ଟଅପ୍ ଏବଂ ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ପାଇଁ ଏହି ପୋର୍ଟାଲ୍ ସହଯୋଗ ପ୍ରଦାନ କରିବ । ବୈଶ୍ୱିକ ସେବା କ୍ଷେତ୍ରରେ ରହିଥିବା ସୁଯୋଗଗୁଡ଼ିକ ସମ୍ପର୍କରେ ଏହି ପୋର୍ଟାଲ୍ ମାଧ୍ୟମରେ ତଥ୍ୟ ଉପଲବ୍ଧ ହେବ ବୋଲି ଶ୍ରୀ ଗୋୟଲ କହିଛନ୍ତି । ଏହି ପୋର୍ଟାଲ୍‌ରେ ୨୮ରୁ ଅଧିକ ଡ୍ୟାସ୍‌ବୋର୍ଡ୍ ସହ ୨୭୦ରୁ ଅଧିକ ଆଲୋଚନାମୂଳକ ଦୃଶ୍ୟ ତଥ୍ୟ ସ୍ଥାନୀତ ହୋଇଛି ।

## ଇଡି-ଅଲ୍ ଫାଲ୍‌ହ ଚେୟାର୍‌ମ୍ୟାନ୍

ବେଆଇନ୍ ଅର୍ଥ କାରବାର ଅଭିଯୋଗରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଅଲ୍ ଫାଲ୍‌ହ ଗ୍ରୁପ୍‌ର ଅଧ୍ୟକ୍ଷ ଜୱାଦ୍ ଅହମ୍ମଦ୍ ସିଦ୍ଧିକିଙ୍କୁ ଗିରଫ୍ କରିଛି । ଅଲ୍ ଫାଲ୍‌ହ ଗ୍ରୁପ୍ କାର୍ଯ୍ୟାଳୟ ପରିସରରେ ତଦନ୍ତ ଏବଂ ହସ୍ତଗତ ହୋଇଥିବା ପ୍ରମାଣ ଆଧାରରେ ଶ୍ରୀ ସିଦ୍ଧିକିଙ୍କୁ ଗିରଫ୍ କରାଯାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ

ସୂଚନା ଦେଇଛି । ନିର୍ଦ୍ଦେଶାଳୟ ପକ୍ଷରୁ ଗତକାଲି ଦିଲ୍ଲୀର ୧୯ଟି ସ୍ଥାନରେ ତଲାସୀ କରାଯାଇଥିଲା । ଅଲ୍ ଫାଲ୍‌ହ ବିଶ୍ୱବିଦ୍ୟାଳୟ ପରିସର ଏବଂ ଏହି ଗ୍ରୁପ୍ ସହ ସଂଶ୍ଲିଷ୍ଟ ପ୍ରମୁଖ ବ୍ୟକ୍ତିଙ୍କ ଆବାସିକ ପରିସରରେ ମଧ୍ୟ ଏହି ତଲାସୀ ହୋଇଥିଲା । ୪୮ ଲକ୍ଷ ଟଙ୍କାରୁ ଅଧିକ ନଗଦ ଅର୍ଥ, ଏକାଧିକ ଡିଜିଟାଲ୍ ସାମଗ୍ରୀ ଏବଂ ନଥିପତ୍ର ତଦନ୍ତ ସମୟରେ ଜବତ କରାଯାଇଛି । ଅଲ୍ ଫାଲ୍‌ହ ଗ୍ରୁପ୍‌ର ଏକାଧିକ ସେଲ୍ କମ୍ପାନୀକୁ ଚିହ୍ନଟ କରାଯିବା ସହ ବେଆଇନ୍ ଆର୍ଥିକ କାରବାର ନେଇ ବହୁ ତଥ୍ୟ ହସ୍ତଗତ ହୋଇଥିବା ନିର୍ଦ୍ଦେଶାଳୟ କହିଛି । ଦିଲ୍ଲୀ ପୁଲିସ୍‌ର କ୍ରାଇମ୍‌ବ୍ରାଞ୍ଚ୍ ପକ୍ଷରୁ ପଞ୍ଜିକୃତ ହୋଇଥିବା ଦୁଇଟି ଏଫ୍.ଆଇ.ଆର୍. ଆଧାରରେ ଏହି ତଦନ୍ତ କରାଯାଉଥିବା ଜଣାପଡ଼ିଛି ।

## ଏମ୍‌ଇଏ-ସାଉଦି ଆରବ

ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଜଷ୍ଟିସ୍ ଏସ୍. ଅବଦୁଲ୍ ନଜିର୍‌ଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ମଣ୍ଡଳୀ ଆଜି ସାଉଦିଆରବ ଗସ୍ତ କରିବେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଗତ ୧୭ ତାରିଖରେ ମଦିନାରେ ଭାରତୀୟ ତୀର୍ଥ ଯାତ୍ରୀଙ୍କ ସହିତ ଘଟିଥିବା ଦୁଃଖଦ ଘଟଣା ପରିପ୍ରେକ୍ଷୀରେ ଏହି ପ୍ରତିନିଧି ମଣ୍ଡଳୀ ସାଉଦି ଆରବ ଗସ୍ତ କରୁଛନ୍ତି । ହଜ୍ ଏବଂ ଉମ୍‌ରା ମନ୍ତ୍ରଣାଳୟ ସମେତ ସାଉଦି କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ଏହି ପ୍ରତିନିଧି ମଣ୍ଡଳୀ ପରିସ୍ଥିତିର ସମୀକ୍ଷା କରିବେ ଏବଂ ତୀର୍ଥ ଯାତ୍ରୀଙ୍କୁ ଆବଶ୍ୟକ ସହାୟତା ପ୍ରଦାନ କରିବେ । ପ୍ରତିନିଧି ମଣ୍ଡଳୀରେ ପାସ୍‌ପୋର୍ଟ୍ ଏବଂ ଭିସା ବିଭାଗ ଓ କନ୍‌ସୁଲାର୍ ସଚିବ ଅରୁଣ କୁମାର ଚାଟାର୍ଜୀ ସାଉଦି ଆରବ ଗସ୍ତ କରୁଛନ୍ତି । ମୃତକଙ୍କ ଶେଷ କୃତ୍ୟରେ ପ୍ରତିନିଧି ମଣ୍ଡଳୀ ଯୋଗଦେବେ ବୋଲି

ମନ୍ତ୍ରଣାଳୟ କହିଛି । ରିଆଦ୍ ସ୍ଥିତ ଭାରତୀୟ ଦୂତାବାସ ଏବଂ ଜେଦ୍ଦାରେ ଥିବା ଭାରତୀୟ କନ୍‌ସୁଲେଟ୍ ଜେନେରାଲ୍‌ଙ୍କ କାର୍ଯ୍ୟାଳୟ ମୃତକଙ୍କ ଚିହ୍ନଟ ପାଇଁ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛନ୍ତି । ମୃତକଙ୍କ ପରିବାରବର୍ଗଙ୍କୁ ସାଉଦି ଆରବ ଗସ୍ତ କରିବା ନେଇ ସରକାର ସମସ୍ତ ପ୍ରକାର ସହାୟତା ପ୍ରଦାନ କରୁଛନ୍ତି ବୋଲି ମନ୍ତ୍ରଣାଳୟ କହିଛି ।

## ଇଣ୍ଡିଆ-କୋଡେକ୍ସ କମିଟି

୪୮ତମ କୋଡେକ୍ସ ଆଲିମେଣ୍ଟାରିୟସ୍ କମିଶନ୍ ର ଏସିଆ କ୍ଷେତ୍ର ପାଇଁ କୋଡେକ୍ସ କାର୍ଯ୍ୟ ନିର୍ବାହୀ କମିଟିକୁ ଭାରତ ପୁନଃ ନିର୍ବାଚିତ ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ରୋମ୍‌ରେ ଅନୁଷ୍ଠିତ ଅଧିବେଶନରେ ଭାରତ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରଜିତ୍ ପୁନ୍‌ହାନିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଯୋଗ ଦେଇଥିଲେ । ଖାଦ୍ୟ ଶୃଙ୍ଖଳ, ପଶୁ ଚିକିତ୍ସା, ବିଶ୍ଳେଷଣ ପଦ୍ଧତି, ତଥ୍ୟ ସଂଗ୍ରହ ଆଦି ବିଭିନ୍ନ କ୍ଷେତ୍ର ଉପରେ ଭାରତ ଗୁରୁତ୍ୱ ପ୍ରଦାନ କରିଛି । ଅଧିବେଶନ କାଳରେ ଭାରତ କୋଡେକ୍ସ କାର୍ଯ୍ୟ ଶୈଳୀର ଦକ୍ଷତା ବୃଦ୍ଧି କରିବା ପାଇଁ କୃତ୍ରିମ ବୁଦ୍ଧିମତା ଆଧାରିତ ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାରକୁ ସମର୍ଥନ ପ୍ରଦାନ କରିଛି । ଭାରତ ଏହି କମିଟିରେ ଆସନ୍ତା ୨୦୨୭ ଶେଷ ପର୍ଯ୍ୟନ୍ତ ରହିବ ବୋଲି ଜଣାପଡ଼ିଛି ।

## କୋପ୍୩୦-କ୍ଲାଇମେଟ୍ ସମିଟ୍

୨୦୩୦ ସୁଦ୍ଧା ଜଙ୍ଗଲ କ୍ଷୟକୁ ପ୍ରତିହତ କରିବା ଏବଂ ଜଙ୍ଗଲ ସୃଷ୍ଟି ନେଇ ଏକ ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିବାକୁ ବିଶ୍ୱ ବନ୍ୟପ୍ରାଣୀ ପାଣ୍ଠି ଏବଂ ଗ୍ରୀନ୍ ପିସ୍ ମିଳିତ ଜାତିସଂଘ **COP30** ଜଳବାୟୁ ସମ୍ମିଳନୀରେ ସଦସ୍ୟ ରାଷ୍ଟ୍ରଗୁଡ଼ିକୁ ଅନୁରୋଧ କରାଯାଇଛି । ବ୍ରାଜିଲ୍‌ର ହାଙ୍ଗର୍ କନ୍‌ଭେନ୍‌ସନ୍ ସେଣ୍ଟର ଠାରେ ଗତ ୧୦ ତାରିଖରୁ ଆରମ୍ଭ ହୋଇଥିବା **COP30** ସମ୍ମିଳନୀ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ । ବିଶ୍ୱ ବନ୍ୟପ୍ରାଣୀ ପାଣ୍ଠି ସଂସ୍ଥାର ଆନ୍ତର୍ଜାତିକ ନିର୍ଦ୍ଦେଶକ ଜେନେରାଲ୍ କିର୍‌ଷ୍ଟେନ୍ ସ୍ୱିଜ୍‌ଟ୍ ଏବଂ ଗ୍ରୀନ୍‌ପିସ୍ ବ୍ରାଜିଲ୍ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ କାରୋଲିନା ପସ୍‌କ୍ୱାଲି **COP30** ଆଲୋଚନାର ନିର୍ଯାସ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ଜଙ୍ଗଲ କ୍ଷୟ ପ୍ରତିହତ କରିବା ଏବଂ ଜଙ୍ଗଲାଞ୍ଚଳ ସୃଷ୍ଟି ନେଇ ଏକ ସମୟସୀମାବଦ୍ଧ ଯୋଜନା ପ୍ରସ୍ତୁତ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି ।

## ଆଇଏଫ୍ଏଫ୍ଆଇ-ବ୍ୟାଗ୍ରାଉଣ୍ଡ

୫୬ତମ ଆନ୍ତର୍ଜାତିକ ଚଳଚ୍ଚିତ୍ର ମହୋତ୍ସବ ଆଇ.ଏଫ୍.ଏଫ୍.ଆଇ. ୨୦୨୫ ଆସନ୍ତାକାଲି ଗୋଆରେ ଆରମ୍ଭ ହେବ । ଭାରତର ସିନେମା ଐତିହ୍ୟକୁ ପ୍ରଦର୍ଶନ କରୁଥିବା ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଏହି ମହୋତ୍ସବର ଶୁଭାରମ୍ଭ ହେବ । ୮୦ରୁ ଅଧିକ ଦେଶର ପ୍ରତିନିଧି, ଚଳଚ୍ଚିତ୍ର ନିର୍ମାତା ଏଥିରେ ଅଂଶଗ୍ରହଣ କରିବା ସହ ୨୭୦ରୁ ଅଧିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ । ଆସନ୍ତା ୨୮ ତାରିଖ ପର୍ଯ୍ୟନ୍ତ ପଣଜୀ ଠାରେ ୮ ଦିନ ଧରି ଏହି

ମହୋତ୍ସବ ଅନୁଷ୍ଠିତ ହେବ । ଗୋଆର ୫ଟି ପ୍ରମୁଖ ସ୍ଥାନରେ ଚଳଚ୍ଚିତ୍ର ଗୁଡ଼ିକର ପ୍ରଦର୍ଶନ ସହ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି ।